# Akashvani, Sambalpur

## SAMBALPURI NEWS EVENING BULLETIN

**1 October 2024- 7.02 pm- 7.12 pm.**

*********************************************

୧- ପିଏମ୍‌ଶ୍ରୀ ଯୋଜ୍‌ନାର୍ ୪ ନମ୍ବର୍ ଖେପେ ରାଜ୍ୟର୍ ୪ ଶହ ୫୦ ଟା ବିଦ୍ୟାଳୟକେ କରାଯିବା ସାମିଲ୍ ।

୨- ଆୟୁଷ୍ମାନ୍- ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନାଥି ସାମିଲ୍ ହେବେ ପାଖାପାଖ୍ଲି ୧ କୋଟି ପରିବାର୍ ।

୩- ମହାଳୟା ଅବ୍‌ସରେ ଶ୍ରୀ ଶ୍ରୀସମଲେଶ୍ୱରୀଙ୍କର୍ ଆଏବା କାଏଲ୍ ହେବା ଧବଲ୍‌ମୁଖୀ ବେଶ ।

ଆଉର୍

୪- ରକ୍ତଦାନ୍ ମହତ୍ ଦାନର ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ସ୍ୱେଚ୍ଛାକୃତ ରକ୍ତଦାନ୍ ଦିବସ୍ ।

ପିଏମ୍‌ଶ୍ରୀ ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

ପିଏମ୍‌ଶ୍ରୀ ଯୋଜ୍‌ନାର୍ ୪ ନମ୍ବର୍ ଖେପେ ରାଏଜର୍ ୪ ଶହ ୫୦ ଟା ବିଦ୍ୟାଳୟକେ ସାମିଲ୍ କରାଯିବା । ଶିକ୍ଷା ମନ୍ତ୍ରଣାଳୟ

ତର୍ଫୁ ମିଲିଥିବା ଅନୁମୋଦନ୍ ଅନ୍‌ସାରେ ୨୪ ଟା ପ୍ରାଥମିକ ୩ ଶହ ୬୮ ଟା ମାଧ୍ୟମିକ୍ ଆଉ ୫୮ ଟା ଉଚ୍ଚମାଧ୍ୟମିକ ବିଦ୍ୟାଲୟକେ ସାମିଲ୍ କରାଯିବା । ଫିଂ' ବିଦ୍ୟାଲୟର୍ ବାର୍ଷିକ୍ କାର୍ଯ୍ୟସୂଚୀ ଆଉ ଆୟବ୍ୟୟ ଅଟକଲ୍ ତିଆର୍ କର୍‌ବାର୍ ଲାଗି ଓଡ଼ିଶା ବିଦ୍ୟାଲୟ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍ - ଓସେପା ତର୍ଫୁ ସବୁ ଜିଲ୍ଲାପାଲ୍‌ଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ ରାଏଜେ ପିଏମ୍‌ଶ୍ରୀ ଯୋଜ୍‌ନା ଲାଗୁ କର୍‌ବାର୍ ବାବ୍‌ଦେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଲୟର୍ ବିଦ୍ୟାଲୟ ଶିକ୍ଷା ଆଉ ସାକ୍ଷରତା ବିଭାଗ୍ ଆର୍ ରାଜ୍ୟ ସର୍‌କାର୍‌ଙ୍କର୍ ଭିତ୍‌ରେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ପିଏମ୍‌ଶ୍ରୀ ସ୍କୁଲ୍ ମାନ୍‌କେ ଜାତୀୟ ଶିକ୍ଷାନୀତିକେ ଶହେ ପ୍ରତିଶତ୍ କାର୍ଯ୍ୟକାରୀ କର୍‌ବାର୍ ସହେତେ ଛାତ୍ରଛାତ୍ରୀ ଆଉ ଶିକ୍ଷକ୍ ଶିକ୍ଷୟିତ୍ରୀମାନ୍‌କର୍ ଦକ୍ଷତା ବୃଦ୍ଧି ଲାଗି ପଦକ୍ଷେପ୍ ନିଆଯିବା । ସାମିଲ୍ ହେବାର୍‌କେ ଥିବାର୍ ୪ ଶହ ୫୦ ଟା ବିଦ୍ୟାଲୟ ଲାଗି ଚଲ୍‌ତି ଆର୍ଥିକ୍ ବଛର୍‌ର୍ ଲାଗି ବଜେଟ୍ ତିଆର୍ କର୍‌ବାର୍‌କେ ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

## ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ

ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ୨ ଦିନିଆ ଦିଲ୍ଲୀ ଗସ୍ତଥି ଯିବେ । ଗସ୍ତ ସମିଆଥି ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀ ନ ନିବେଶକ ମାନ୍‌କର୍ ସହେତେ ଆଲୋଚନା କର୍‌ବେ । ଆଏବା ବଛ୍‌ରର୍ ଜାନୁଆରୀ ମାସର୍ ୨୮ ଆର୍ ୨୯ ତାରିଖେ ଭୁବ୍‌ନେଶ୍ୱର୍ ନ ହେବାର୍‌କେ ଥିବାର୍ ଉତ୍କର୍ଷ ଓଡ଼ିଶା - ମେକ୍ ଇନ୍ ଓଡ଼ିଶା ସମ୍ମିଲନୀର୍ ଲାଗି ମୁଖ୍ୟମନ୍ତ୍ରୀ ନିବେଶକ ମାନ୍‌କର୍ ସହେତେ ଆଲୋଚନା କର୍‌ବାର୍ ସମ୍ଭାବନା ରହିଛେ । ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ରାଜ୍ୟ ଶିଳ୍ପ ବିଭାଗ୍‌ର ଗୁଟେ ପ୍ରତିନିଧି ଦଲ୍ ଭିଲ୍ ଦିଲ୍ଲୀ ଗସ୍ତ କର୍‌ବେ ।

ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜ୍‌ନା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖୋବ୍ ଜଲ୍‌ଦି ଆୟୁଷ୍ମାନ୍-ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନା ଲାଗୁ ହେବା । ଇଥିର୍‌ଲାଗି ଭାରତ୍ ସର୍‌କାର୍‌ଙ୍କର୍ ସହେତେ ଗୁଟେ ଚୁକ୍ତି ହେବାର୍‌କେ ଥିବାର୍ ବେଲେ ତୟାରି ଶେଷ୍ ଖେପେ ପୁହୁଁଚିଛେ । ଯୋଜ୍‌ନାଥି ରାଜ୍ୟର୍ ପାଖାପାଖି ୧ କୋଟି ପରିବାର୍ ଉପକୃତ ହେବେ ବଲି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ ।

ଇ ବାବ୍‌ଦେ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ମନ୍ତ୍ରୀ କହିଛନ୍ ଯେ, ଆୟୁଷ୍ମାନ୍ ଭାରତ୍‌ଥି ୬୭ ଲାଖ୍ ପରିବାର୍ ଅନ୍ତର୍ଭୁକ୍ତ ହେବାର୍‌କେ ଥିବାର୍ ବେଲେ ବାକି ପରିବାର୍ ଗୋପବନ୍ଧୁ ଯୋଜ୍‌ନାର୍ ସୁବିଧା ପାଏବେ । ରାଜ୍ୟ ବାହାରେ ରହୁଥିବା ଓଡ଼ିଶାର୍ ଲୁକେ ଇଥି ଅଏତ୍‌କା ଲାଭବାନ ହେବେ । ସେନ୍ତା ରାସନ୍‌କାର୍ଡ୍‌ନୁ ବଂଚିତ ଯୋଗ୍ୟ ହିତାଧିକାରୀଙ୍କୁ ସର୍‌କାର୍ ଇ ଯୋଜ୍‌ନାଥି ସାମିଲ୍ କର୍‌ବେ । ଆୟୁଷ୍ମାନ୍-ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନା କାର୍ଡ୍ ରାଜ୍ୟ ଆଉ ରାଜ୍ୟ ବାହାରର୍ ୨୭ ହଜାର୍‌ନୁ ଅଏତ୍‌କା ଡାକ୍ତର୍‌ଖାନା ଗ୍ରହଣୀୟ ହେବା ବଲି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ।

ବସ୍ ଭଡ଼ା ଦିବ୍ୟାଙ୍ଗ ଆର୍‌ଏନ୍‌ୟୁ/ କଟକ୍

ଦିବ୍ୟାଙ୍ଗ ମାନ୍‌କର୍ ଲାଗି ବସ୍‌ଥି ୫୦ ପ୍ରତିଶତ୍ ଭଡ଼ା ଛାଡ୍ ନାଇଁ କଲେ କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଗୃହ ନିର୍ମାଣ ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆଏଜ୍ ଭୁବ୍‌ନେଶ୍ୱର୍ ବାବାସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ୍ ପରିଦର୍ଶନ କର୍‌ବାର୍ ସମିଆଥି ଇଟା କହିଛନ୍ । ମନ୍ତ୍ରୀ ଶ୍ରୀ ମହାପାତ୍ର ବସ୍‌ଷ୍ଟାଣ୍ଡ୍ ନ ଯାତ୍ରୀମାନ୍‌କୁ ମିଲୁଥିବା ସୁବିଧା ବିଷେ ଆଲୋଚନା କରିଥିଲେ । ଦିବ୍ୟାଙ୍ଗ ମାନ୍‌କର୍ ଅଭିଯୋଗ୍ ଉତ୍‌ରୁ ସେମାନ୍‌କର୍ ଲାଗି ଧାରିଜ୍ ୫୦

ପ୍ରତିଶତ୍ ବସ୍ ଭଡ଼ା ରିହାତି ନାଇଁ ମିଳୁଥିଲେ କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମନ୍ତ୍ରୀ କହିଛନ୍ ।

ଷ୍ଟାଣ୍ଡିଂ କମିଟି- ପୁରୀ ଶ୍ରୀମନ୍ଦିର୍ ଆର୍‌ଏନ୍‌ୟୁ/ କଟକ୍

ଗୃହ ବିଭାଗ୍‌ର ଷ୍ଟାଣ୍ଡି କମିଟି ଆଏଜ୍ ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଲୟ ନ ସମୀକ୍ଷା କରିଛନ୍ । ବୈଠକ୍‌ଥି ଶ୍ରୀମନ୍ଦିର୍ ସୁରକ୍ଷା ସହେତେ ଭକ୍ତମାନ୍‌କର୍ ଶୃଙ୍ଖଲିତ୍ ଦର୍ଶନ୍ ଆଉ ସୁରକ୍ଷା ବାବ୍‌ଦେ ବିସ୍ତୃତ୍ ଆଲୋଚନା ହେଇଛେ । କମିଟିର୍ ଅଧକ୍ଷ ସିଦ୍ଧାନ୍ତ ମହାପାତ୍ରଙ୍କର୍ ଅଧକ୍ଷତାଥି ହେଇଥିବାର୍ ଇ ବୈଠକ୍ ନ ୧୨ ଝନ୍ ବିଧାୟକ୍, ଶ୍ରୀମନ୍ଦିର୍‌ର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଲ୍ ଆର୍ ଅଲ୍‌ଗା ଅଧିକାରୀମାନେ ଯୋଗ୍ ଦେଇଥିଲେ । ଆଲୋଚନା ସମିଆଥି ଶ୍ରୀମନ୍ଦିର୍ ନ ପୁଲିସ୍ କର୍ମଚାରୀଙ୍କର୍ ସଂଖ୍ୟା ବଢ଼ାବାର୍ ଉପ୍‌ରେ ଜୋର୍ ଦିଆଯାଇଛେ । ବୈଠକ୍ ଉତ୍‌ରୁ ଷ୍ଟାଣ୍ଡିଂ କମିଟିର୍ ସଦସ୍ୟମାନେ ଶ୍ରୀମନ୍ଦିର୍ ନ ମହାପ୍ରଭୁଙ୍କର୍ ଦର୍ଶନ୍ କରିଥିଲେ ।

ସ୍ୱଚ୍ଛତା ଅଭିଯାନ୍- ରାଜ୍ୟପାଲ୍ ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ମହାନଗର୍ ନିଗମ୍ ବିଏମ୍‌ସି ତର୍‌ଫୁ ଆୟୋଜିତ୍ ସ୍ୱଚ୍ଛତା ଅଭିଯାନ୍‌ଥି ରାଜ୍ୟପାଲ୍ ରଘୁବର୍ ଦାସ ସାମିଲ୍ ହେଇକରି ବିନ୍ଦୁ ସାଗର୍ ସଫେଇଥି ସାମିଲ୍ ହେବାର୍ ସହେତେ ଲୋକ୍‌ମାନ୍‌କୁ ସ୍ୱଚ୍ଛତା ବାବ୍‌ଦେ ସଚେତନ୍ କରେଇଥିଲେ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ରାଜ୍ୟପାଲ୍ କହିଛନ୍ ଯେ, ଇହାଦେ ଦେଶେ ପରିବର୍ତ୍ତନ୍‌ର ସମିଆ ଆସିଛେ । ଆର୍ଥିକ୍ ଉନ୍ନତିର୍ ଲାଗି ସ୍ୱଚ୍ଛତା ଜରୁରୀ ଆଏ ବଲି ରାଜ୍ୟପାଲ୍ କହିଛନ୍ । ପରିବେଶ୍‌କେ ସଫା ରଖ୍‌ବାର୍‌ଟା ଆମର୍ ସମସ୍ତଙ୍କର୍ ନୈତିକ୍ ଦାୟିତ୍ୱ ଗାନ୍ଧୀଜୀଙ୍କର୍ ସ୍ୱଚ୍ଛ ଭାରତ୍ ସପନ୍‌କେ ପୂରଣ୍ କର୍‌ବାର୍ ଲାଗି ଇ ଅବ୍‌ସରେ ରାଜ୍ୟପାଲ୍ ସମସ୍ତଙ୍କୁ ଆହ୍ୱାନ୍ ଦେଇଛନ୍ ।

ମହାଲୟା ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର୍‌ର ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିର୍ ନ ଆଏବା କାଏଲ୍ ମହାଲୟା ଲାଗି ନୀତିନିର୍ଘଂଟ ଥିର୍ କରାଯାଇଛେ । ସଖାଲର୍ ୫ ବଜେନୁ ସମଲେଶ୍ୱରୀଙ୍କର୍ ଧବଲ୍‌ମୁଖୀ ଦର୍ଶନ୍ ଲାଗି ୪ ନମ୍ବର୍ ଗେଟ୍ ଦେଇକରି ଭକ୍ତମାନେ ମନ୍ଦିର୍‌କେ ଯିବେ । ଭୋଗ୍ ଲାଗି ଦିନର୍ ୧୧ ବାଜିକରି ୫୫ ମିନିଟ୍ ନୁ ସାଢ଼େ ୧୨ ବଜେତକ୍ ଦର୍ଶନ୍ ବନ୍ଦ୍ ରହେବା । ସନ୍ଧ୍ୟା ୭ ବାଜିକରି ୪୫ ମିନିଟ୍‌ନୁ ସାଢ଼େ ୮ ବଜେତକ୍ ସନ୍ଧ୍ୟା

ଆଳ୍ତୀ ଲାଗି ସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା । ହେଲେ ଶ୍ରୀ ଶ୍ରୀ ସମଲେଶ୍ୱରୀଙ୍କର୍ ଧବଲ୍ମୁଖୀ କି ଗଙ୍ଗାଦର୍ଶନ୍ ବେଶ ୨ ଦିନ୍ତକ୍ ଚାଲ୍‌ବା ବଲି ମନ୍ଦିର୍ ଟ୍ରଷ୍ଟବୋର୍ଡ଼ର ସଭାପତି ସଞ୍ଜୟ କୁମାର୍ ବାବୁ କହିଛନ୍ ।

ରକ୍ତଦାନ୍ ଦିବସ୍ ଆର୍ଏନ୍ୟୁ/ କଟକ୍

ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ୍ ଦିବସ୍ ଆଏଜ୍ ପାଲନ୍ କରାଯାଉଛେ । ସ୍ୱେଚ୍ଛାକୃତ ରକ୍ତଦାନ୍‌କେ ତହଁକାବାର୍, ରକ୍ତ ସଂଗ୍ରହ କେନ୍ଦ୍ର ମାନ୍‌କର୍ ଲାଗି ଦର୍‌କାରୀ ଭିତିଭୂମି ବ୍ୟବସ୍ଥା କର୍‌ବାର୍ ଆଉ ଜାତୀୟ ରକ୍ତନୀତିକେ କାର୍ଯ୍ୟକାରୀ କର୍‌ବାର୍ ଲକ୍ଷ୍ୟଥି ଇ ଦିବସ୍ ପାଲନ୍ ହେଉଛେ । ରକ୍ତଦାନ୍, ମହତ୍ ଦାନ ବାବ୍‌ଦେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟଥି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଉଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସ୍ୱେଚ୍ଛାକୃତ ରକ୍ତଦାନ୍ ଦିବସ୍ ଅବ୍‌ସରେ ସବୁ ରକ୍ତଦାତା ଆଉ ଇଥି ସାମିଲ୍ ଅନୁଷ୍ଠାନ୍‌ମାନ୍‌କୁ ଶୁଭେଚ୍ଛା ଜନେଇଛନ୍ । ରକ୍ତର୍ ଆବଶ୍ୟକତାକେ ପୂରଣ୍ କର୍‌ବାର୍ ଲାଗି ରାଏଜେ ସ୍ୱେଚ୍ଛାକୃତ ରକ୍ତଦାନ୍‌କେ ବ୍ୟାପକ୍ କରାଯିବାର୍ ଉପ୍‌ରେ ସେ ତାଙ୍କର୍ ଶୁଭେଚ୍ଛା ବାର୍ତାଥି ଜୋର୍ ଦେଇଛନ୍ ।

ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍‌ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ ତାଙ୍କର୍ ଶୁଭେଚ୍ଛା ବାର୍ତାଥି ରକ୍ତଦାନ୍ କରିକରି ନିଜେ ସୁସ୍ଥ ରହେବାର୍ ସହେତେ ଉଣ୍ଡା ଲୁକ୍‌କର୍ ଜୀବନ୍ ବଁଚାବାର୍‌କେ ଆହ୍ୱାନ୍ ଦେଇଛନ୍ । ଇ ଦିବସ୍ ଅବ୍‌ସରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ ଭୁବ୍‌ନେଶ୍ୱର୍ ହସ୍ପିଟାଲ୍ ନ ହେଇଥିବା ସ୍ୱଚ୍ଛତା ପଦଯାତ୍ରାଥି ସାମିଲ୍ ହେବାର୍ ସହେତେ ଗୁଟେ ରକ୍ତଦାନ୍ ଶବିର୍‌କେ ଉଦ୍‌ଘାଟନ୍ କରିଥିଲେ ।

ବରିଷ୍ଠ ନାଗରିକ ଦିବସ୍   ସୁବର୍ଣ୍ଣପୁର୍/
କଲାହାଣ୍ଡି/ ଦେବ୍‌ଗଡ୍/ ବୌଦ୍ଧ

ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ୍ ଆଏଜ୍ ପାଲନ୍ କରାଯାଉଛେ । ବରିଷ୍ଠ ନାଗରିକ୍ ମାନ୍‌କର୍ ଅଭିଜ୍ଞତା ଆର୍ ବୁଦ୍ଧିମତାକେ ସମ୍ମାନ୍ ଜନାବାର୍ ଲକ୍ଷ୍ୟଥି ଫି’ ବଛର୍ ଅକ୍ଟୋବର୍ ପହେଲା ତାରିଖେ ସାରା ପୁର୍‌ଥି ନ ଇ ଦିବସ୍ ପାଲନ୍ କରାଯାଉଛେ ।

ଇ ଅବ୍‌ସରେ ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ବରିଷ୍ଠ ନାଗରିକ୍ ଦିବସ୍ ପାଲନ୍ କରାଯାଉଛେ । ଅତିରିକ୍ତ ଜିଲ୍ଲାପାଲ୍ ଅଞ୍ଜଳିନା ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ସମାରୋହ ନ ବିଧାୟକ୍ ରଘୁନାଥ ଜଗ୍‌ଦଲା ବରିଷ୍ଠ ନାଗରିକ୍ ଆର୍ ସେମାନ୍‌କର୍ ପ୍ରତି ସମାଜ୍‌ର କର୍ତବ୍ୟ ଉପ୍‌ରେ ଆଲୋଚନା

କରିଥିଲେ । ସକାଳେ ବରିଷ୍ଠ ନାଗରିକ୍ ମାନ୍‌କର୍ ଉପରେ ଗୁଟେ ଯୋଗ୍ ଶିବିର ଆୟୋଜନ୍ କରାଯାଇଥିଲା ।

ଭବାନୀପାଟ୍‌ନା ଟାଉନ୍ ହଲ୍ ନ ସାମାଜିକ୍ ସୁରକ୍ଷା ବିଭାଗ୍ ତର୍‌ଫୁ କଲାହାଣ୍ଡି ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ୍ ଦିବସ୍ ପାଲନ୍ କରାଯାଇଛେ । ଇଥି ସାଂସଦ୍ ମାଳବିକା ଦେବୀ ମୁଖିଆ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର୍ ଦର୍‌ୱାନ୍, ଜିଲ୍ଲା ମୁଖ୍ୟ ଉନ୍ନୟନ୍ ଅଧିକାରୀ ଦୟାମୟ ପାଢ଼ୀ ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ସହେତେ ୧୦ ଝନ୍‌କୁ ମଧୁବାବୁ ଭତା ଆଉ ୫୮ ଝନ୍ ଦିବ୍ୟାଙ୍ଗଙ୍କୁ ସହାୟକ ସାରଞ୍ଜାମ୍ ଦିଆଯାଇଥିଲା ।

ସମ୍ବଲପୁର୍ ଜିଲ୍ଲା ନାକ୍‌ଟିଦେଉଲ୍ କଲେଜ୍ ଠାନେ ବରିଷ୍ଠ ନାଗରିକ ଦିବସ ପାଲନ୍ କରାଯାଇଛେ । ଇନ ସ୍ୱାସ୍ଥ୍ୟ ଆଉ ପୁଲିସ୍ ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇକରି ବରିଷ୍ଠ ନାଗରିକ୍‌ମାନ୍‌କର୍ ଚିକିତ୍ସା ସେବା ଆଉ ଥାନାମାନ୍‌କେ ଇ ବର୍ଗର୍ ଲୁକ୍‌କର୍ ଲାଗି ସେଲ୍ ଗଠନ୍ ବାବ୍‌ଦେ ସୂଚ୍‌ନା ଦେଇଥିଲେ । ସଭାଥି କଲେଜ୍ ଅଧ୍ୟକ୍ଷ ସୁଧିର୍ କୁମାର୍ ସାହୁ ସଭାପତିତ୍ୱ କରିଥିଲେ ।

ଦେବ୍‌ଗଡ଼୍ ଟାଉନ୍‌ହଲ୍ ଠାନେ ଜିଲ୍ଲା ସାମାଜିକ୍ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀଙ୍କର୍ ତତ୍ତ୍ୱାବଧାନ୍‌ଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ରେବେକା ବିଲୁଙ୍ଗ, ପୌର

ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ ଆଉ ସିଆନ୍ ସୁଜନ୍ ମାନେ ଯୋଗ୍ ଦେଇଥିଲେ ।

ବୌଦ୍ଧ ଜିଲ୍ଲା ଟାଉନ୍‌ହଲ୍ ଠାନେ ଗୁଟେ ସଭା ନ ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଜିଲ୍ଲା ବରିଷ୍ଠ ନାଗରିକ ମଂଚର ପରିଚାଳନା ଲାଗି ୫୦ ହଜାର୍ ଟଙ୍କା ଅନୁଦାନ୍ ଆଉ ଭିନ୍ ଭିନ୍ କ୍ଷେତ୍ର ନ ସୁନାମ ପାଇଥିବା ୨୬ ଝନ୍ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ୍ କରାଯାଇଛେ । ଇଥି ବୌଦ୍ଧ ନଗର୍‌ପାଳ୍ ମୃତ୍ୟୁଞ୍ଜୟ ମିଶ୍ର କୁନୁଆଁ ଭାବେ ଯୋଗ୍ ଦେଇଥିଲେ ।

ସ୍ୱଚ୍ଛତା ହିଁ ସେବା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆକାଶ୍‌ବାଣୀ ସମ୍ବଲପୁର୍ କେନ୍ଦ୍ର ନ ସ୍ୱଚ୍ଛତା ହିଁ ସେବା -୨୦୨୪ କାର୍ଯ୍ୟକ୍ରମ୍ ଆଏଜ୍ ଉଦ୍‌ଯାପିତ୍ ହେଇଛେ । ୧୫ ଦିନ୍ ହେଲା ଚାଲିଥିବା ଇ କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ଇଲାକାକେ ସଫେଇ କରାଯିବାର୍ ସହେତେ ଗଛ୍ ଲଗାଯାଇଥିଲା । ଆଏଜ୍ ହେଇଥିବା ଉଦ୍‌ଯାପନୀ ସମାରୋହଥି କେନ୍ଦ୍ରର୍ ୩ ଝନ୍ ସଫେଇ ମିତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛେ । ଇ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ରର୍ ଅଭିଯାନ୍ତ୍ରିକ ମୁଖ୍ୟ ସଞ୍ଜୟ ସର୍‌କାର୍, କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟ, କାର୍ଯ୍ୟକ୍ରମ୍ ନିଷ୍ପାଦକ ସନ୍ତୋଷ ପିଙ୍ଗ୍, ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ୍‌ର ନୋଡ଼ାଲ୍ ଅଧିକାରୀ ସୁଶୀଲା ପ୍ରିଶିଲା ମିଞ୍ଜ୍ ଉପସ୍ଥିତ୍ ରହିକରି ସଫେଇ

ମିତ୍ରମାନ୍‌କୁ ସମ୍ମାନିତ କରିଥିଲେ । ଇତାର୍‌ସହେତେ କେନ୍ଦ୍ରର୍ ଅଲ୍‌ଗା ଅଧିକାରୀ ଆର୍ କର୍ମଚାରୀମାନେ ଭିଲ୍ ଉପସ୍ଥିତ୍ ଥିଲେ । ବ୍ୟକ୍ତିଗତ ସହାୟକ କ୍ଷେତ୍ରମଣି ବିଭାର ଇ କାର୍ଯ୍ୟକ୍ରମ୍‌କେ ପରିଚାଳନା କରିଥିଲେ ।

ପି.ଆଇ.ବି.-ସି.ବି.ସି.-ସ୍ୱଚ୍ଛତା ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍‌ର ଏନ୍‌ଏବିଏମ୍ ପରିସର ନ ଆଏଜ୍ ସ୍ୱଚ୍ଛତା କାର୍ଯ୍ୟକ୍ରମ୍ ହେଇଯାଇଛେ । ପତ୍ର ସୂଚନା କାର୍ଯ୍ୟାଳୟ-ପି.ଆଇ.ବି. ଆଉ କେନ୍ଦ୍ରୀୟ ସଂଚାର୍ ବ୍ୟୁରୋ- ସି.ବି.ସି. ତର୍‌ଫୁ ସଫେଇ କାର୍ଯ୍ୟକ୍ରମ୍ କରାଯାଇଥିଲା । ପି.ଆଇ.ବି. ଆର୍ ସି.ବି.ସି.ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର୍ ମିଶ୍ରଙ୍କର୍ ନେତୃତ୍ୱଥି ସବୁ ଅଧିକାରୀ ଆର୍ କର୍ମଚାରୀମାନେ ସଫେଇ କରିଥିଲେ ।

ସ୍ୱଚ୍ଛତା ପକ୍ଷ - ବର୍‌ଗଡ଼୍ ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ସହରେ ସ୍ୱଚ୍ଛତା ପକ୍ଷ ପାଳନ୍ ଅବ୍‌ସରେ ଆଏଜ୍ ହେଇଥିବାର୍ କାର୍ଯ୍ୟକ୍ରମ୍‌କେ ବର୍‌ଗଡ଼୍ ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ ଉଦ୍‌ଘାଟନ୍ କରିଛନ୍ । ଆଂଚଲିକ୍ ପରିବହନ୍

କାର୍ଯ୍ୟାଲୟ ଆଉ ବର୍‌ଗଡ୍ ଘରୋଇ ବସ୍ ମାଲିକ ସଂଘ ତର୍‌ଫୁ ଜିଲ୍ଲା ମୁଖ୍ୟାଲୟ ନ ଥିବା ଘରୋଇ ବସ୍‌ଷ୍ଟାଣ୍ଡ୍ ପରିସର ନ ସାମୂହିକ ସ୍ୱଚ୍ଛତା ଅଭିଯାନ୍‌ଥି ବିଧାୟକ୍, ବର୍‌ଗଡ୍ ପୌରାଧ୍ୟକ୍ଷା ଆର୍ ସାଧାରଣ୍ ନାଗରିକ୍ ସାମିଲ୍ ହେଇଥିଲେ ।